# Akashvani, Sambalpur

## SAMBALPURI NEWS EVENING BULLETIN

## 4 September 2025- 7.02 pm- 7.12 pm.

*********************************************

୧- ବିକଶିତ୍ ଭାରତ୍ ସପନ୍ ସାକାର୍ କର୍‌ବାରଥି ଦେଶର୍ ଆର୍ଥିକ୍ ବିକାଶ ଗୁରୁତ୍ୱପୂର୍ଣ୍ଣ; କହେଲେ ମୁଖ୍ୟମନ୍ତ୍ରୀ

-ଜିଏସ୍‌ଟି ପରିଷଦ୍‌ର ନିଷ୍ପତି ସାଧାରଣ ଲୁକ୍‌କର ଆକାଂକ୍ଷା ପୂରଣ୍ କର୍‌ବାର୍ ଲାଗି ସହାୟକ୍ ହେବା- କହେଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ।

୨- ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ଆଏବା ୧୭ ତାରିଖ୍ ବଂଟାଯିବା ୫୦ ହଜାର ଘର୍ ।

୩- ଆଏବା ସୋମବାର ବନ୍ଦ ରହେବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ।

ଆଉର୍

୪- ଲଘୁଚାପ୍ ବଲେ ସାରା ରାଏଜେ ଲାଗି ରହିଛେ ବର୍ଷା । ହୀରାକୁଦ୍ ନ ଖୁଲ୍‌ଲା ୧୬ଟା ଗେଟ୍ ।

ମୁଖ୍ୟମନ୍ତ୍ରୀ ଜିଏସ୍‌ଟି ଭୁବନେଶ୍ୱର

ସମ୍ବାଦଦାତା/ କଳାହାଣ୍ଡି ସମ୍ବାଦଦାତା/ ପିଆଇବି

ବିକଶିତ୍ ଭାରତ୍ ୨୦୪୭ ସପନ୍ ସାକାର୍ କର୍‌ବାର ଲାଗି ଦେଶର୍ ଆର୍ଥିକ୍ ପ୍ରଗତିକେ ତୁର୍‌ତି କର୍‌ବାର୍ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର ବାବ୍‌ଦେ ପ୍ରତିକ୍ରିୟା ରଖିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନୂଆ ଜିଏସ୍‌ଟି ଦର୍ ଟିକସ ବୋଝ୍ କମ୍ କର୍‌ବାର୍, ସମାଜ୍‌ର ଭିନ୍ ଭିନ୍ ବର୍ଗଙ୍କୁ ଉପକୃତ୍ କର୍‌ବାର୍ ସହେତେ ବାଣିଜ୍ୟ କ୍ଷେତ୍ରକେ ତହଁକାବା । ସ୍ୱାସ୍ଥ୍ୟ ଆଉ ଜୀବନ୍ ବୀମା ସେବା ଦେୟକେ କରମୁକ୍ତ କର୍‌ବାର୍‌ଟା ଗୁଟେ ସ୍ୱାଗତ୍‌ଯୋଗ୍ୟ ପଦକ୍ଷେପ୍ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦୁ ପତର୍ ଉପ୍‌ରୁ ଜିଏସ୍‌ଟି ୧୮ ପ୍ରତିଶତ୍ ନୁ ୫ ପ୍ରତିଶତ୍‌କେ କମ୍ ହେବାର୍‌ଟା କେନ୍ଦୁପତର୍ ତୋଲିମାନ୍‌ଙ୍କର କମାନି ବଢ଼ାବାର୍‌ଥି ସାହାଜ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ ।

(ଭଏସ୍----ମୁଖ୍ୟମନ୍ତ୍ରୀ)

ସେଆଡ଼େ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆ ଜିଏସ୍‌ଟି ସ୍ଲାବ୍ ଜରିଏ ଓଡ଼ିଶା ବାଗିର୍ ରାଜ୍ୟ ଖାସ୍ କରି ଲାଭ୍‌ବାନ୍ ହେଇପାର୍‌ବେ ବଲି କହିଛନ୍ । ନୂଆଦିଲ୍ଲୀଠାନେ ସାମ୍ବାଦିକ୍ ସମ୍ମିଳନୀଥି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଆଏବା

ପିଢ଼ିର ଜିଏସ୍‌ଟି ସଂସ୍କାର ସାଧାରଣ ଲୁକ୍‌କର ଆକାଂକ୍ଷା ପୂରା କର୍‌ବା । ସମାଜ୍ ନ ଆର୍ଥିକ୍ ଆତ୍ମବିଶ୍ୱାସ୍ ବଢ଼ାବା । କେନ୍ଦୁପତର୍ ଉପ୍‌ରେ ଜିଏସ୍‌ଟି କମ୍ କରାବାର୍ ଉତ୍‌ରୁ ଓଡ଼ିଶାର୍ ୧୫ ଲାକ୍‌ନୁ ଅଏତ୍‌କା ଲୁକେ ଉପକୃତ୍ ହେଇପାର୍‌ବେ । ବୁଣାକାର୍‌ମାନେ ଲାଭ ପାଏବାର୍ ସହେତେ ରାଜ୍ୟର୍ କୋଇଲା ଉତ୍ପାଦନ୍ ୯ ପ୍ରତିଶତ୍ ବଢ଼୍‌ବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଜିଏସ୍‌ଟି ସଂସ୍କାର ବାବ୍‌ଦେ ପ୍ରତିକ୍ରିୟା ଦେଇକରି କଳାହାଣ୍ଡିର ବିଶିଷ୍ଟ ଶିକ୍ଷାବିଦ୍ ଆଉ ଅର୍ଥନୀତିଜ୍ଞ ପ୍ରଫେସର ସୀମାଂଚଳ ମିଶ୍ର କହିଛନ୍.....

(ଭଏସ୍-----ସୀମାଂଚଳ ମିଶ୍ର)

ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଆର୍‌ଏନ୍‌ୟୁ/

ସମ୍ବଲପୁର/ଏକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନମ୍ ଦିନ୍ ଉଧେ ଆଏବା ୧୭ ତାରିଖ୍ ରାଜ୍ୟ ସରକାରଙ୍କର୍ ତର୍‌ଫୁ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ହିତାଧିକାରୀମାନ୍‌ଙ୍କୁ ୫୦ ହଜାର ଘର୍ ବଂଟାଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ । ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, ଆଗୋନୁ

ଯୋଜନାଥି ଲାଖେ ହିତାଧିକାରୀଙ୍କୁ ସାମିଲ୍ କରାଯାଇଛେ । ପ୍ରଧାନମନ୍ତ୍ରୀଙ୍କର୍ ଜନମ୍ ଦିନ୍ ଅବ୍ସରେ ଆଉ ୫୦ ହଜାର ଲୁକ୍କୁ କାର୍ଯ୍ୟାଦେଶ୍ ଦିଆଯିବା । ଇତାର୍ସହେତେ ଆଏବା ନଭେମ୍ବର ମାସେ ପିଏମ୍ ଆବାସ ଘର ଭିଲ୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ । ନୂଆ ପିଏମ୍ ଆବାସ୍ ସର୍ଭେ ବେଲ୍କେ ୩୫ ଲାଖ୍ ହିତାଧିକାରୀ ଆବେଦନ୍ କରିଛନ୍ । ନଭେମ୍ବର ମାସ୍ ତକ୍ ସବୁ ପ୍ରକ୍ରିୟା ଶେଷ୍ ହେଇକରି କାର୍ଯ୍ୟାଦେଶ୍ ପ୍ରକ୍ରିୟା ମୁଲ୍ ହେବା ବଲି ପଂଚାୟତିରାଜ୍ ମନ୍ତ୍ରୀ କହିଛନ୍ ।

## ମୁଖ୍ୟମନ୍ତ୍ରୀ-କେନ୍ଦ୍ର ପରିବେଶ ମନ୍ତ୍ରୀ ସାକ୍ଷାତ୍ I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ନୂଆଦିଲ୍ଲୀଠାନେ କେନ୍ଦ୍ର ଜଙ୍ଗଲ, ପରିବେଶ ଆଉ ଜଲ୍ବାୟୁ ପରିବର୍ତନ୍ ମନ୍ତ୍ରୀ ଭୁପେନ୍ଦର୍ ସିଂହ ଯାଦବ୍ଙ୍କୁ ଭେଟିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ବାବ୍ଦେ ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ବିଷେ ଉପ୍ରେ କେନ୍ଦ୍ରମନ୍ତ୍ରୀଙ୍କ ସଙ୍ଗେ ଆଲୋଚନା କରିଛନ୍ । ପରିବେଶ ସୁରକ୍ଷା, ବନ ସଂରକ୍ଷଣ, ଜଲ୍ବାୟୁ ଅନୁକୁଲ୍

ଆଉ ବୃହତ୍ ବିକାଶ ବାଗିର୍ ବିଷେଥି ଆଲୋଚନା କରିଥିବା ଜନାପଡ଼ିଛେ ।

ସୁଭଦ୍ରା ଯାଂଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟ ସରକାରଙ୍କର୍ ତର୍‌ଫୁ ସୁଭଦ୍ରା ଯୋଜ୍‌ନାଥି ଅଯୋଗ୍ୟ ହିତାଧିକାରୀମାନ୍‌ଙ୍କୁ ବାଦ୍ ଦେବାର୍ ସହେତେ ଯୋଗ୍ୟ ମାନ୍‌ଙ୍କୁ ସାମିଲ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ତତ୍ପରତା ଦେଖାଦେଇଛେ । ଇ ବାବ୍‌ଦେ ମହିଲା ଆଉ ଶିଶୁ ବିକାଶ ବିଭାଗ୍ ତର୍‌ଫୁ  ଭିନ୍ ଭିନ୍ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଚାର୍ ଚକିଆ ଥିବା ହିତାଧିକାରୀମାନ୍‌କର ତଥ୍ୟ ଦେବାର୍‌କେ ପରିବହନ୍ ବିଭାଗ, ମୃତକ ହିତାଧିକାରୀମାନ୍‌ଙ୍କର ତଥ୍ୟ ଦେବାର୍‌କେ ଖାଦ୍ୟ ଆଉ ଯୋଗାଣ ବିଭାଗ୍‌କେ କୁହାଯାଇଛେ । ସେନ୍ତା ପଞ୍ଜିକରଣ କରି କରି ଧାନ୍ ବିକିଥିବା ମହିଲାମାନ୍‌ଙ୍କର ତଥ୍ୟ ଆଉଥରେ ଯାଂଚ୍ କର୍‌ବାର୍ ଲାଗି ଭିଲ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଭୋଟର କାର୍ଡ ଜାଲିଆତି ହି.ସ.

ବରିଷ୍ଠ ନାଗରିକମାନ୍‌କର ଭୋଟର୍ କାର୍ଡ ଜାଲିଆତି ଘଟ୍‌ନାର୍ ଯାଂଚ କର୍‌ବାର୍ ଲାଗି ସାମାଜିକ ସୁରକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ୩୫ ଶହ ଟଙ୍କା ଲେଖା ଭତା ପାଏବାର୍ ଲାଗି ବରିଷ୍ଠ ନାଗରିକମାନ୍‌ଙ୍କର ବଏସ ସୀମା ଭୋଟ୍‌ର୍ କାର୍ଡ଼ଥି ଜାଲିଆତି କରି କରି ବଢ଼ାଯାଉଥିବାର୍ ଅଭିଯୋଗ୍ ହେବାର୍ ଉତ୍‌ରୁ ବିଭାଗ୍ ତର୍‌ଫୁ ଇ ପଦ୍‌କ୍ଷେପ ନିଆଯାଇଥିବା ଜନାପଡ଼ିଛେ । ଜାଲିଆତି କରିଥିବା ହିତାଧିକାରୀମାନ୍‌ଙ୍କ ଭତା ବନ୍ଦ କର୍‌ବାର୍ ଲାଗି ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ ସମ୍ବଲପୁର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏବା ଶନିବାର ଦିନ ଦିନିକିଆ ସମ୍ବଲପୁର ଗସ୍ତଥି ଆସୁଛନ୍ । ସମ୍ବଲପୁର ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ବାବ୍‌ଦେ ବିଧାୟକ ଜୟନାରାୟଣ ମିଶ୍ର ସୂଚ୍‌ନା ଦେଇକରି କହିଛନ୍, ନୂଆଖାଇ ଭେଟ୍‌ଘାଟ୍‌ଥି ଯୋଗ୍‌ଦେବାର୍ ଲାଗି ମନ୍ତ୍ରିମଣ୍ଡଲ୍‌ର ସବୁ ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଛେ । ଦଲମତ ନିର୍ବିଶେଷଥି ପଶ୍ଚିମ

ଓଡ଼ିଶାର୍ ସବୁ ବିଧାୟକଙ୍କୁ ଭିଲ୍ ଇଥି ସାମିଲ୍ ହେବାର୍ ଲାଗି ନିଉତା ଦିଆଯାଇଛେ ବଲି ଶ୍ରୀ ମିଶ୍ର କହିଛନ୍ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ସ୍ଥଗିତ୍ I&PR

ଭୁବନେଶ୍ୱରଠାନେ ଆଏବା ୮ ତାରିଖ୍ ସୋମବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର ଜନଶୁଣାଣିକେ ଅନିବାର୍ଯ୍ୟ କାରଣ ଲାଗି ସ୍ଥଗିତ କରାଯାଇଛେ । ଶିବିର୍ ଲାଗି ପଞ୍ଜିକରଣ କରିଥିବା ଲୁକେ ଆଏବା ତାରିଖ୍ ଜନଶୁଣାଣି ଥି ଅଭିଯୋଗ୍ କରିପାର୍‌ବେ । ଆଏବା ଜନଶୁଣାଣି ତାରିଖ୍ ଆଉ ସମିଆ ଗଣମାଧ୍ୟମ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶ୍ରୀ ନହର ସୁନିଆ ପର୍ବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କର ପବିତ୍ର ସୁନିଆ ପରବ୍ ଆଏଜ୍ ଭୁଦୋ ମାସର୍ ଦ୍ୱାଦଶୀ ତିଥିଦିନ

ପୁରୀଠାନେ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଗଜପତି ମହାରାଜ୍ ନୂଆ ସାଲ୍ ୧୪ ଶ ୩୩ ଆଉ ନୂଆ ଅଙ୍କ ୬୯ ମୁଲ୍ କରିଛନ୍ । ଇ ଦିନ୍‌କେ ଗଜପତି ମହାରାଜଙ୍କର ନୂଆ ବଛର୍ ହିସାବେ ଧରାଯାଏସି ।

ମାହାପୁରଙ୍କର୍ ଭୂସମ୍ପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଇଜ୍ ଆଉ ରାଇଜ୍ ବାହାରେ ଥିବା ଜଗନ୍ନାଥ ମାହାପୁରୁଙ୍କର୍ ଭୂସମ୍ପତି ଫିରେଇ ଆନ୍‌ବାର୍ ଲାଗି ସରକାର ପ୍ରକ୍ରିୟା ମୁଲ୍ କରିଛନ୍ ବଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ । ସେ କହିଛନ୍, ରାଇଜ୍ ଆଉ ରାଇଜ୍ ବାହାରେ ମାହାପୁରୁଙ୍କର୍ ୫୮ ହଜାର ଏକଡ଼ ଜମି ରହିଛେ । ସେଥିର୍ ଭିତ୍‌ରୁ ୩୬ ହଜାରର୍‌ନୁ ଅଏତ୍‌କା ଏକଡ଼ ଜମିର୍ କାଗଜାତ୍ ବନା ସରିଛେ । ବାକି ଜମିର୍ କାଗଜପତର୍ ବନାବାର୍ ପ୍ରକ୍ରିୟା ଚାଲିଛେ । ମାହାପୁରୁଙ୍କର୍ ଭୂସମ୍ପତିର୍ ଠିକ୍ ଆକଲନ୍ ଲାଗି ଜୋର୍‌ଦାର୍ ପ୍ରକ୍ରିୟା ଚାଲିଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ ।

ସମଲେଶ୍ୱରୀ ମନ୍ଦିର ନୀତିକାନ୍ତି ସମ୍ବଲପୁର

ସମ୍ବାଦଦାତା

ଚନ୍ଦ୍ରଗ୍ରହଣ ଲାଗି ଆଏବା ରଏବାର ଦିନ ମାଁ ସମଲେଶ୍ୱରୀଙ୍କର ନୀତିକାନ୍ତିଥି ସାମାଏନ୍ ପରିବର୍ତନ କରାଯାଇଛେ । ସଖାଲର୍ ମଙ୍ଗଲ ଆଲ୍ତି ଆଉ ବାକି ନୀତିକାନ୍ତି ଉତ୍ରୁ ଦିନର୍ ୧୧ ବାଜିକରି ୪୫ ମିନିଟ୍ ତକ୍ ଦର୍ଶନ୍ ଚାଲ୍ବା । ତାର୍ ଉତ୍ରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହେବାର୍ ସହେତେ ଦିନର୍ ୧୨ ବଜେ ଅନ୍ନଭୋଗ୍ ଲାଗି ହେବା । ସୋମବାର ସଖାଲର୍ ୬ ବଜେତକ୍ ମାଁଙ୍କର୍ ଦର୍ଶନ୍ ବନ୍ଦ ରହେବା ବଲି ମନ୍ଦିର ପ୍ରଶାସନ ତର୍ଫୁ ନିଷ୍ପତି ନିଆଯାଇଛେ ।

ଶିକ୍ଷା ଉପନିର୍ଦ୍ଦେଶକ ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ରାଜ୍ୟ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଜୟଶ୍ରୀ ଦୋରା ଆଏଜ୍ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ବିଭାଗର୍ ଭିନ୍ ଭିନ୍ କାମ୍ର ସମୀକ୍ଷା କରିଛନ୍ । ଶ୍ରୀମତୀ ଦୋରା ବୌଦ୍ଧ ବ୍ଲକ୍ ମୁରୁଷୁଣ୍ଡି ଉଚ୍ଚପ୍ରାଥମିକ ବିଦ୍ୟାଳୟ,

ମର୍ଜାଦପୁର ପ୍ରାଥମିକ ବିଦ୍ୟାଳୟ, ଜହ୍ନାପଙ୍କ, ସଂଗ୍ରାମପୁର, ବାଉଁଶୁଣି ଉଚ୍ଚ ବିଦ୍ୟାଳୟ ଆଉ ଦହ୍ୟା ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟକେ ବୁଲି ଦେଖିକରି ଭିତଭୂମି, ଶ୍ରେଣୀ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ ଆଉ ବିଦ୍ୟାଳୟକେ ଆସୁଥିବା ଭିନ୍ ଭିନ୍ ଅନୁଦାନ୍ର ତଦାରଖ୍ କରିଛନ୍ ।

ଯୋଗାଣ ବିଭାଗ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ୍ ଦାସ ଆଏଜ୍ ଜିଲ୍ଲା ଖାଦ୍ୟ ଆଉ ଯୋଗାଣ ବିଭାଗ୍ର କାମ୍କାଜ୍ର ସମୀକ୍ଷା କରିଛନ୍ । ବୈଠକ୍ର ସୂଚ୍ନା ଅନ୍ସାରେ, ଜିଲ୍ଲା ନ ଥିବା ଶହେ ୪୧ଟା ଖାଉଟି ଦୁକାନ୍ ନ ଶହେ ୧୩ଟା ପଂଚାୟତ୍ ଆଉ ୨୭ଟା ମହିଳା ସ୍ୱୟଂ ସହାୟକ୍ ଗୋଷ୍ଠୀ ଜରିଏ ପରିଚାଲିତ୍ ହେଉଛେ । ଜିଲ୍ଲା ନ ୫ ହଜାର ୯୭ଟା ପ୍ରବାସୀ ଶ୍ରମିକ ପରିବାରକେ ଖାଉଟି ସୁରକ୍ଷା ଯୋଜ୍ନାଥି ରାସନ୍ ଦରବ୍ ଯୁଗେଇ ଦିଆଯାଉଛେ ବଲି ବୈଠକ୍ ନ ସୂଚ୍ନା ଦିଆଯାଇଛେ । ୨୦୨୫-୨୬ ଖରିଫ୍ ରୁତୁଥି ୨୬ଟା ସମବାୟ ସଂସ୍ଥାମାନ୍ଙ୍କୁ ଦାୟିତ୍ୱ ଦିଆଯିବା ବଲି ବୈଠକ୍ଥି ନିଷ୍ପତି ନିଆଯାଇଛେ । ଇହାଦେ ତକ୍ ଜିଲ୍ଲା ନ ୫୧ ହଜାର

୩ ଶହ ୩୪ ଝନ୍ ଛାଷୀ ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ କରି ସାରିଛନ୍ ବଲି ବୈଠକ୍‌ନୁ ଜନାପଡ଼ିଛେ ।

ଆଦି କର୍ମଯୋଗୀ କର୍ମଶାଳା ବରଗଡ଼ ସମ୍ବାଦଦାତା

ବରଗଡ଼ ଜିଲ୍ଲା ନ ଆଏଜ୍ ଆଦି କର୍ମଯୋଗୀ ଅଭିଯାନ୍ ଅଧିନ୍‌ଥି ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷକ୍‌ମାନ୍‌କର ଲାଗି ୩ ଦିନିଆ ତାଲିମ୍ ଶିବିର୍ ମୁଲ୍ ହେଇଛେ । ଶିବିର୍‌ଥି ସବୁ ବ୍ଲକ୍ ନୁ ଆସିଥିବା ମାଷ୍ଟର୍ ଟ୍ରେନର୍‌ମାନ୍‌ଙ୍କୁ ୩ ଦିନ୍ ତକ୍ ଅଭିଯାନ୍‌ର ଭିନ୍ ଭିନ୍ ବିଷେଥି ତାଲିମ୍ ଦିଆଯିବାରଖ ସହେତେ ସେମାନ୍‌କର କ୍ଷମତାର୍ ବିକାଶ କରାଯିବା । ସୂଚ୍‌ନା ଅନ୍‌ସାରେ ଇ ଅଭିଯାନ୍ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଆଉ ରାଜ୍ୟ ସରକାରଙ୍କ ତର୍‌ଫୁ କରାଯାଉଛେ ।

ଅନୁସୂଚିତ ଜନଜାତି ସ୍କୁଲ-ଜିଲ୍ଲାପାଳ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ୍ ଅଧିନ୍‌ଥି ଥିବା ଅନୁସୂଚିତ୍ ଜାତି ଆଉ ଜନଜାତି କଲ୍ୟାଣ ଆବାସିକ୍

ବିଦ୍ୟାଳୟ ମାନ୍‌କର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ବୈଠକ୍‌ଥି ଅଧକ୍ଷତା କରି କରି ଛାତ୍ରଛାତ୍ରୀମାନ୍‌କର ଭଲ୍ ପାଠପଢ଼ା ଉପ୍‌ରେ ଧ୍ୟାନ ଦେବାର୍‌କେ ଆବାସିକ୍ ବିଦ୍ୟାଳୟ ସବୁ ପ୍ରଧାନ ଶିକ୍ଷକ ଆଉ ଶିକ୍ଷକ, ଶିକ୍ଷୟିତ୍ରୀମାନ୍‌ଙ୍କୁ କହିଛନ୍ । ଡ୍ରପ୍‌ଆଉଟ୍ ହାର୍‌କେ କମ୍ କର୍‌ବାର ଦିଗେ କାମ୍ କର୍‌ବାର୍‌କେ ଜିଲ୍ଲା ଇ ଅବ୍‌ସରେ ପରାମର୍ଶ ଦେଇଛନ୍ ।

ପାଣିପାଗ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ବଲେ ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ ଭଣ୍ଡାର ନ ଜଲ୍‌ସ୍ତର ବଢ଼୍‌ବାର୍‌ନୁ ଆଏଜ୍ ଖେପ୍ ଖେପ୍ କରି ଫେର୍ ୧୦ ଟା ଗେଟ୍ ଖୁଲାଯାଇଛେ । ଇଛେନ୍‌କା ୧୬ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଂଜବେଲ୍‌ର ୬ ବଜେତକ୍

ଜଲ୍ଭଣ୍ଡାର୍ର ଜଲ୍ସ୍ତର ୬ ଶହ ୨୬ ଦଶମିକ୍ ୩/୩ ଫୁଟ୍ ରହିଛେ ।

ଇସିମଆଥି ଜଲ୍ଭଣ୍ଡାର୍କେ ଫି ସେକେଣ୍ଡଥି ୨ ଲାଖ୍ ୯୪ ହଜାର୍ ୯ ଶହ ୬୦ ଘନ୍ଫୁଟ୍ ପାଏନ୍ ଆସୁଥିବାର୍ବେଲେ ସେତ୍କି ମାତ୍ରାର୍ ପାଏନ୍ ଛଡ଼ାଯାଉଛେ ।